## ସଂକ୍ଷେପରେ

### ଆଜି ପୂର୍ବାହ୍ନ ୯ଟାରୁ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ

ସମ୍ବଲପୁର,୨।୯(ବ୍ୟୁରୋ): ଓପିଟିସିଏଲ୍‌ର ୧୩୨/୩୩ କେଭି ଗଣେଶନଗର ଗ୍ରୀଡ୍ ସବଷ୍ଟେଶନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଶନିବାର କରାଯିବ। ଏଥିପାଇଁ ସମ୍ବଲପୁର ବିଦ୍ୟୁତ୍ ଡିଭିଜନ ଓ ସମ୍ବଲପୁର ପୂର୍ବ ବିଦ୍ୟୁତ୍ ଡିଭିଜନ ଅଧୀନ ସମସ୍ତ ଅଞ୍ଚଳରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସମ୍ବଲପୁର ସହରର ଅଇଁଠାପାଲି, ସିନ୍ଦୂରପଙ୍କ, ରେମେଡ ଛକ, ଯୋଗୀପାଲି, କ୍ଷେତରାଜପୁର, ଧନୁପାଲି, ମାନେଶ୍ୱର, କୁଲୁଥକାନୀ, ଭୁତାପଡ଼ା, କମିଶନର କଲୋନୀ, ଜେଲ ଛକ, ଜିଲାସ୍କୁଲ ଛକ, ସାକ୍ଷୀପଡ଼ା, ବୁଢ଼ିହିଲ, ଗୋଲବଜାର, ସିଟି ଷ୍ଟେଶନ ପ୍ରଭୃତି ଅଞ୍ଚଳ ପ୍ରଭାବିତ ହେବ। ଜନସାଧାରଣ ସହଯୋଗ କରିବା ପାଇଁ ବୁର୍ଲା ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି।

### ଷ୍ଟ୍ରିଟ୍ ଲାଇଟ୍ ଓ ବାଇକ୍ ଜବତ: ୩ ଗିରଫ



କୁଚିଣ୍ଡା,୨।୯(ଡି.ଏନ.ଏ.): କୁଚିଣ୍ଡା ଏନ୍‌ଏସି ଗୋଦାମରୁ ଷ୍ଟ୍ରିଟ୍ ଲାଇଟ୍ ଚୋରି ଅଭିଯୋଗରେ କୁଚିଣ୍ଡା ପୋଲିସ ଏକ ୩ଜଣିଆ ଚୋର ଗ୍ୟାଙ୍ଗକୁ ଗିରଫ କରି ଶୁକ୍ରବାର କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୩୧ତାରିଖ ରାତିରେ କୁଚିଣ୍ଡା ଏନ୍‌ଏସି ଗୋଦାମରୁ ଷ୍ଟ୍ରିଟ୍ ଲାଇଟ୍ ଚୋରି ହୋଇଥିଲା। ଏନଏସି ପକ୍ଷରୁ ଏ ନେଇ ଗୁରୁବାର କୁଚିଣ୍ଡା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଆଇପିସି ଦଫା ୪୫୭, ୪୮୦ରେ ମାମଲା (ନଂ୧୬୩/୨୨) ରୁଜୁ କରି ଅଭିଯୁକ୍ତ ମହୁଲପାଲି ଥାନା ପାରିମୁଣ୍ଡା ନିକ୍ତିମାଲ (ତେଣ୍ଡାକୁଦର) ଗ୍ରାମର ମନସିତ କେର୍କେଟା (୨୯), ପ୍ରଶାନ୍ତ ବାର୍ଲା(୨୫) ଓ ନିକ୍ତିମାଲ (ଟୁଙ୍ଗୁରିପଡା)ର ସମିତ ଲୁହୁରାଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କଠାରୁ ୭ଗୋଟି ଷ୍ଟ୍ରିଟ୍ ଲାଇଟ୍ ଓ ଚୋରିରେ ବ୍ୟବହୃତ ବାଇକ୍ (ଓଡି୧୬ଏ-୨୭୪୯) ଜବତ କରି ଅଧିକ ତଦନ୍ତ ଚଳାଇଥିବା କୁଚିଣ୍ଡା ଆଇଆଇସି ଶୋଭାକର ସେଠ କହିଛନ୍ତି।

### ଗୋ ହତ୍ୟା: ଘର ମାଲିକ ଗିରଫ

ଜମନକିରା,୨।୯(ଡି.ଏନ.ଏ.): ଜମନକିରା ବ୍ଲକ ଫାଶିମାଲ ପଞ୍ଚାୟତ ଦେହୁରୁଣୀମାଲ ଗ୍ରାମର ଜତିସ ମୁଣ୍ଡା ଓ ସ୍ତ୍ରୀ ସେବା ମୁଣ୍ଡାଙ୍କୁ ମିଳିଥିବା ବିଜୁ ପକ୍କା ଘରେ ଶୁକ୍ରବାର ବର୍ବରତାର ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଘରେ ଗୋ ହତ୍ୟା ପରେ ମାଂସ କାଟି ପଲିଥିନରେ ପ୍ୟାକିଂ କରାଯାଉଥିବା ନେଇ ଗ୍ରାମର କେତେଜଣ ବ୍ୟକ୍ତି ଜାଣିବାକୁ ପାଇଥିଲେ। ସୂଚନା ପାଇ ଜମନକିରା ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା, ବଜରଙ୍ଗଦଳ, ଦେବସେନା ଓ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ଗୋମାଂସ କଟାଯାଉଥିବା ଘରେ ତାଲା ମାରି ଜମନକିରା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିଲା ବେଳକୁ ଅଭିଯୁକ୍ତମାନେ ଝରକା ଭାଙ୍ଗି ଫେରାର ହୋଇଯାଇଥିଲେ। ଘର ମାଲିକ ଜତିସ ମୁଣ୍ଡାଙ୍କୁ ପୋଲିସ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି। ଏହାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି।

### ମହୁଲପାଲିରେ ନୂଆଁଖାଇ ଭେଟ

କୁଚିଣ୍ଡା,୨।୯(ଡି.ଏନ.ଏ.): ବାମରା ବ୍ଲକ ମହୁଲପାଲିରେ ଶୁକ୍ରବାର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ରୋଜାଲିନ ଯୁବକ ସଂଘ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସଭାପତି ଜଗନ୍ନାଥ ପଣ୍ଡିତ ସଭାପତିତ୍ୱ କରିଥିଲେ। ଏଥିରେ ସରପଞ୍ଚ ସୁଭଦ୍ରା କିଷାନ, ଗ୍ରାମ୍ୟ କମିଟି ସଭାପତି ସନାତନ ପରିଡା, ସମ୍ପାଦକ ମନୋଜ ପରିଡା, ଅବସରପ୍ରାପ୍ତ କଲେଜ ଅଧକ୍ଷ ଅଶୋକ ପରିଡା, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ସାହୁ, ସୁରେଶ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ପରମ୍ପରା ଓ ସଂସ୍କୃତି ସମସ୍ତଙ୍କୁ ଏକଜୁଟ କରିଥିବା କହିଥିଲେ। ଏହି ଅବସରରେ ହୋଇଥିବା ନାଚ, ଗୀତ, ପୁଚିଖେଳ, ହାଣ୍ଡିପିଟା, ଦଉଡିଟିକୁ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଯୁବକ ସଂଘ ସମ୍ପାଦକ ବିକାଶ ରାଉତ ଧନ୍ୟବାଦ ଦେଇଥିଲେ।

# ଅବସର ପରେ ଖୋଲିଲେ ମାଗଣା କ୍ଲିନିକ୍

## ଡାକ୍ତରଙ୍କ ନିଆରା ପ୍ରୟାସ

### ଦିନକୁ ୨ଘଣ୍ଟା ସେବା, ଆଗକୁ ବୃଦ୍ଧି କରିବା ଯୋଜନା

ସମ୍ବଲପୁର,୨।୯(ବ୍ୟୁରୋ)

ସରକାରୀ ଚାକିରି କରୁଥିବା ଅନେକ ବ୍ୟକ୍ତି ଅବସର ପରେ କିଭଳି ସମୟ ଅତିବାହିତ କରିବେ ତାକୁ ନେଇ ଦ୍ୱନ୍ଦ୍ୱରେ ରହିଥାନ୍ତି। ହେଲେ ସମ୍ବଲପୁରର ଜଣେ ଡାକ୍ତର ଅବସର ପରେ ଲୋକଙ୍କୁ ମାଗଣା ସେବା ଯୋଗାଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସେ ହେଉଛନ୍ତି ସମ୍ବଲପୁର ସହରର ଅବସରପ୍ରାପ୍ତ ଏଡିଏମ୍‌ଓ ଡା. ପଞ୍ଚାନନ ନାଏକ। ଚାକିରି ସମୟରେ ସେ ରୋଗୀସେବା କରି ଯେଭଳି ପ୍ରଶଂସା ସାଉଁଟିଥିଲେ ଅବସର ପରେ ମଧ୍ୟ ଉତ୍ତମ ସେବା ଯୋଗାଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଜିଲା ସଦର ମେଡିକାଲ ପାଖ ଚର୍ଚ୍ଚ ଛକରେ ସେ ମାଗଣା କ୍ଲିନିକ ଖୋଲି ଦିନକୁ ୨ଘଣ୍ଟା ସେବା ଯୋଗାଇ ଦେଉଛନ୍ତି। ଅଗଷ୍ଟ ୧୫ରେ ସେ ଏହି କ୍ଲିନିକ ଖୋଲିଥିବାବେଳେ ଏବେ ଧୀରେ ଧୀରେ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

ଏ ସମ୍ପର୍କରେ ଡାକ୍ତର ନାଏକ କହିଛନ୍ତି, ଚାକିରି କରୁଥିବା ସମୟରେ ରୋଗୀମାନଙ୍କ ସମସ୍ୟାକୁ ବହୁ ପାଖରୁ ଦେଖି ଅନୁଭବ କରିଥିଲି। ସେ ସମୟରେ ଏକ ମାଗଣା କ୍ଲିନିକ ଖୋଲି ସେବା ଯୋଗାଇଦେବାକୁ ମନସ୍ଥ କରିଥିଲି। ପରେ ଏଡିଏମ୍‌ଓକୁ ପଦୋନ୍ନତି ହୋଇଥିଲା। ଫଳରେ ମେଡିକାଲରେ ରୋଗୀ ସେବା ଓ ଅନ୍ୟାନ୍ୟ କାମ ଯୋଗୁ କ୍ଲିନିକ ଖୋଲିବା ସମ୍ଭବ ହୋଇପାରି ନ ଥିଲା। ବରଗଡ ଜିଲାରେ ଏଡିଏମ୍‌ଓ ଭବେ କାର୍ଯ୍ୟ କରୁଥିବା ସମୟରେ ୨୦୨୦ ଜାନୁୟାରୀରେ ଅବସର ନେଇଥିଲି। ସେ ସମୟରେ କ୍ଲିନିକ ଖୋଲିବାକୁ ନିଷ୍ପତ୍ତି ନେଇଥିଲି। ହେଲେ କୋଭିଡ୍ କଟକଣା ଯୋଗୁ ବିଳମ୍ବ ହୋଇଥିଲା। ପରେ ସହର ଭିତରେ ଚର୍ଚ୍ଚ ଛକରେ ଏକ ଭଲ ସ୍ଥାନ ମିଳିବାରୁ ଅଗଷ୍ଟ ୧୫ଠାରୁ କ୍ଲିନିକ ଆରମ୍ଭ ହୋଇଛି। ନିୟମିତ ୧୫ଜଣ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କ୍ଲିନିକ୍ ଖୋଲା ରହୁଛି। ଯେଉଁ ରୋଗୀଙ୍କ ଅଧିକ ଚିକିତ୍ସା ଆବଶ୍ୟକ ପଡୁଛି ସେମାନଙ୍କୁ ଅନ୍ୟତ୍ର ଯିବାକୁ ପରାମର୍ଶ ଦେଉଛି। ପ୍ରତି ସପ୍ତାହରେ ସୋମବାରଠାରୁ ଶନିବାର ୬ଦିନ କ୍ଲିନିକ୍ ଖୋଲାଯାଉଛି। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଆଗକୁ ସେବା ଦେବା ସମୟ ମଧ୍ୟ ବୃଦ୍ଧି କରିବାକୁ ଯୋଜନା କରୁଥିବା ସେ କହିଥିଲେ। ସୂଚନାଯୋଗ୍ୟ, ଡାକ୍ତର ନାଏକ ଚାକିରି ସମୟରେ ଗ୍ରାମାଞ୍ଚଳ, ସହରାଞ୍ଚଳରେ ଥିବା ଡାକ୍ତରଖାନାରେ ଜଣେ ଆଦର୍ଶ ଡାକ୍ତର ଭାବେ କାମ କରିଆସୁଥିଲେ। ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ସେ ଜଣେ ଉତ୍ତମ ସର୍ଜରି ଡାକ୍ତର ଭାବେ ଜଣାଶୁଣା। ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ତାଲିମ କେନ୍ଦ୍ର କରି ବିଭିନ୍ନ ରୋଗ ଓ ଏହାର ନିରାକରଣ ଉପରେ ସଚେତନ କରୁଥିଲେ। ଅନେକ ସଙ୍କଟାପନ୍ନ ରୋଗୀଙ୍କ ଅପରେଶନ କରି ଜୀବନ ବଞ୍ଚାଇଥିଲେ। ତେଣୁ ରୋଗୀ ସମ୍ପର୍କୀୟଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଏବେ ୬୫ବର୍ଷ ବୟସରେ ମାଗଣା ସେବା ଯୋଗାଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି।



ଡାକ୍ତର ପଞ୍ଚାନନ ନାଏକ ଜଣେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ।

# ବରଗଡ଼ର ଶୁଭ୍ରା ସ୍ୱାଗତିକା ନୂଆଁଖାଇ ନନୀ ବିଜେତା

ସମ୍ବଲପୁର,୨।୯(ବ୍ୟୁରୋ)



ଟ୍ରଫି ସହ ବିଜେତା ଓ ପ୍ରଥମ ରନର୍ସ ଅପ୍।

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇକୁ ଦୃଷ୍ଟିରେ ରଖି ସମ୍ବଲପୁରରେ ପ୍ରଥମଥର ପାଇଁ ନୂଆଁଖାଇ ନନୀ ସିଜନ-୧ ରିୟଲିଟି ଶୋ ହୋଇଥିଲା। ବରଗଡ଼ ଜିଲାର ଶୁଭ୍ରା ସ୍ୱାଗତିକା ସାହୁ ବିଜେତା ହୋଇଥିବା ବେଳେ ସମ୍ବଲପୁର ସହରର ସୁଜାତା ଓରାମ ପ୍ରଥମ ରନର୍ସଅପ୍ ଟ୍ରଫି ହାସଲ କରିଛନ୍ତି। ସମ୍ବଲପୁର ପାନ୍ଥ ନିବାସଠାରେ ହୋଇଥିବା ପ୍ରତିଯୋଗିତାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ୧୫ରୁ ୨୫ବର୍ଷ ମଧ୍ୟରେ ୧୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୪ଟି ରାଉଣ୍ଡରେ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅର୍ଥରାଶି ସହିତ ଟ୍ରଫି, ସାର୍ଟିଫିକେଟ ଓ ଉପହାର ପ୍ରଦାନ କରାଯାଇଛି। ପାଣିନୀ ପ୍ରାଞ୍ଜ, ରାଜକିଶୋର ମଲ୍ଲିକ, ଖବରଦାତା ଦେବେନ ପଟେଲ, ଅଭିନେତା ଓ ନୃତ୍ୟ ନିର୍ଦ୍ଦେଶକ ପ୍ରମୋଦ ମହାପାତ୍ର, ଅଭିନେତ୍ରୀ ମାନିନୀ ମାହାନା, ଜୟଲାଲ ବେହେରା, ପ୍ରକାଶ ଡାଙ୍ଗ, କ୍ଷଣପ୍ରଭା ପ୍ରଧାନ, ଶାଶ୍ୱତୀ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମନିଷା ମହାପାତ୍ର, ଅର୍ପିତା ପୂଜାରୀ, ମିମାଂଶା ରଥ ବିଚାରକ ଥିଲେ। ଅର୍ପିତା ବେହେରା ଉଦ୍‌ଘୋଷିକା ଓ ସାନ୍ତନୁ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଣିନୀ ପ୍ରାଞ୍ଜ ପ୍ରଡକ୍ସନ ଓ ଆର୍‌କେ ମିଡିଆର ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ହୋଇଥିଲା। ଗୁରୁବାର ରାତ୍ରିରେ ବିଜେତା ଓ ଉପବିଜେତାଙ୍କ ନାମ ଘୋଷଣା କରାଯାଇଥିଲା।

# ଗଣେଶ ପୂଜା ଉପଲକ୍ଷେ ନୃତ୍ୟଗୀତ ପ୍ରତିଯୋଗିତା

ନାକଟିଦେଉଳ,୨।୯(ଡି.ଏନ.ଏ.)



ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ନାକଟିଦେଉଳ ବ୍ଲକ ଶିମିଳିପାଳ ପଞ୍ଚାୟତର କାଦୋବାହାଲ ଗ୍ରାମରେ ପବିତ୍ର ଗଣେଶ ପୂଜା ଅବସରରେ ଗୁରୁବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟଗୀତ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କନିଷ୍ଠ ଓ ବରିଷ୍ଠ ବର୍ଗରେ ସମୁଦାୟ ୫୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବର୍ଗରେ କାଦୋବାହାଲର ରେଶମା ସ୍ୱାଇଁ ପ୍ରଥମ, ଜଗନ୍ନାଥ ପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଶିବାନୀ ସ୍ୱାଇଁ ଦ୍ୱିତୀୟ ଓ ଶିମିଳିପାଳ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ରାଜେଶ୍ୱରୀ ଗଡ଼ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବିଭାଗରେ ଶିମିଳିପାଳର ସୌମ୍ୟମଞ୍ଜରୀ ପ୍ରଧାନ ପ୍ରଥମ, କାଦୋବାହାଲର ମଧୁସ୍ମିତା ସ୍ୱାଇଁ ଦ୍ୱିତୀୟ ଓ ପଞ୍ଚଖଣ୍ଡା ଉଚ୍ଚବିଦ୍ୟାଳୟ ଛାତ୍ରୀ ନମିତା ଦେହୁରୀ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ନୃତ୍ୟ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଶିମିଳିପାଳ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ପ୍ରଥମ, ଶିମିଳିପାଳ ୟୁଜିୟୁପି ବିଦ୍ୟାଳୟର ପାର୍ବତୀ ପ୍ରଧାନ ଗ୍ରୁପ ଦ୍ୱିତୀୟ ଓ କାଦୋବାହାଲ ଭୋଲଶଙ୍କର ଗ୍ରୁପ ତୃତୀୟ ସ୍ଥାନ ପାଇଥିଲେ। ବରିଷ୍ଠ ବର୍ଗରେ କାଦୋବାହାଲର ରୋଜାଲିନ ସ୍ୱାଇଁ ପ୍ରଥମ, ନାକଟିଦେଉଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ବୀଣାପାଣି ପ୍ରଧାନ ଦ୍ୱିତୀୟ ଓ ଲିପ୍‌ସା ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିଲେ।

# ଦୁର୍ଘଟଣାରେ ମହିଳା ମୃତ, ରାସ୍ତାରୋକୋ

ସମ୍ବଲପୁର,୨।୯(ବ୍ୟୁରୋ)

ସମ୍ବଲପୁର ଜିଲାର ସିନ୍ଦୂରପଙ୍କ-ପରମାଣପୁର ପୁରୁଣା ରାଞ୍ଚି ରୋଡ୍ ତବଲା ଗ୍ରାମ ଛକରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ଗ୍ରାମର ମଥୁରା ମିର୍ଦ୍ଧା(୫୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। କ୍ଷତିପୂରଣ ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ପୁରୁଣା ରାଞ୍ଚିରୋଡ୍ ଅବରୋଧ କରିଥିଲେ। ଘଟଣାସ୍ଥଳରେ ସଦର ଏସଡିପିଓ ପ୍ରଦୀପ କୁମାର ସାହୁ, ମାନେଶ୍ୱର ତହସିଲଦାର ଅଜୟ କୁମାର ତିୱାରୀ, ଶାସନ ଥାନା ପୋଲିସ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। କ୍ଷତିପୂରଣ ରାଶି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଲୋକେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ଶାସନ ପୋଲିସ ମୃତ ଦେହକୁ ଜବତ କରିଛି।

# ଛୁରି ଭୁସି ବଡ଼ଭାଇଙ୍କୁ ହତ୍ୟା

ବ୍ରଜରାଜନଗର,୨।୯(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ଅନ୍ତର୍ଗତ ବାବାମାଠିଆ ପଡ଼ାରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ସାନଭାଇ ଛୁରା ମାଡ଼ରେ ବଡ଼ଭାଇଙ୍କ ଜୀବନ ଯାଇଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ସୋମେଶ ଚୌହାନ (୨୪)। ପୋଲିସ ସୂଚନା ଅନୁଯାୟୀ ଅସୁସ୍ଥତା କାରଣରୁ ସୋମେଶ ୫ଦିନ ହେଲା ମେଡ଼ିକାଲରେ ଥିବାବେଳେ ଶନିବାର ସନ୍ଧ୍ୟାରେ ଘରକୁ ଫେରିଥିଲେ। ଏହି ସମୟରେ ସେ ପିନ୍ଧିଥିବା ବେଲ୍ଟ ସାନଭାଇ ଉମେଶ ଚୌହାନ ପିନ୍ଧିଥିବା ଦେଖିଥିଲେ। ଏହାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉମେଶ ଉତ୍ତ୍ୟକ୍ତ ହୋଇ ବଡଭାଇଙ୍କ ପେଟରେ ଛୁରି ଭୁସିଦେଇଥିଲେ। ପରିବାର ଲୋକେ ପ୍ରଥମେ ଘଟଣାକୁ ଚପାଇବା ଉଦ୍ୟମ କରି ମେଡିକାଲ ନେଇ ନ ଥିଲେ। ବିଳମ୍ବରେ ମେଡିକାଲ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଓରିଏଣ୍ଟ ଓ ବ୍ରଜରଜନଗର ଥାନା ପୋଲିସ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ସୋମେଶଙ୍କ ବାପା ଗଣେଶ ଚୌହାନଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ଉମେଶଙ୍କୁ ଅଟକ ରଖିଛି। ମୃତ ସୋମେଶଙ୍କ ଗୋଟିଏ ଝିଅ ଓ ୬ଦିନର ପୁଅ ଅଛନ୍ତି।

# ରାସ୍ତା ଉପରେ ଗଣ୍ଡଗୋଳ, ଯୁବକଙ୍କୁ ଛୁରାମାଡ଼

ସମ୍ବଲପୁର,୨।୯(ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବୁଢ଼ାରଜା ରାସ୍ତା ଉପରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଗୋଟିଏ ଗୋଷ୍ଠୀର ଯୁବକମାନେ ଅନ୍ୟଗୋଷ୍ଠୀର ଯୁବକଙ୍କୁ ଛୁରିରେ ଆକ୍ରମଣ କରିଛନ୍ତି। ଏଥିରେ ଦୁଇଜଣ ଆହତ ହୋଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଆହତମାନଙ୍କ ପରିଚୟ ମିଳିପାରି ନାହିଁ। ଗଣ୍ଡଗୋଳ ଯୋଗୁ ଅଇଁଠାପାଲି-ବୁଢ଼ାରଜା ରାସ୍ତା ଅଧଘଣ୍ଟା ଧରି ଜାମ୍ ରହିଥିଲା। ଉଭୟ ପାର୍ଶ୍ୱରେ ଗାଡ଼ିଗୁଡ଼ିକ ଅଟକି ରହିବାରୁ ଲୋକେ ହଇରାଣ ହୋଇଥିଲେ। ଅଇଁଠାପାଲି ପୋଲିସ ଆସିବା ପରେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇ ନ ଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ପୋଲିସ ଜିଲା ସଦର ଡାକ୍ତରଖାନାକୁ ନେଇଥିଲା। ଚିକିତ୍ସିତ ହେବା ପରେ ସେମାନେ ଯାଇ ଥାନାରେ ଅଭିଯୋଗ କରିଥିଲେ। ସୂଚନା କ୍ରମେ ଗଣେଶ ପୂଜା ଭଷାଣି ପାଇଁ ପ୍ରସ୍ତୁତି ଚାଲିଥିଲା। ଏହି ସମୟରେ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ ରାମଗଡ଼ିଆ ପଡ଼ାରେ ଚାପା ଉତ୍ତେଜନା ଲାଗିରହି ଶେଷରେ ଆକ୍ରମଣ ଭଳି ଘଟଣା ଘଟିଥିଲା। ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇ ଦୁଇଜଣ ଆହତ ହୋଇଛନ୍ତି। ଆହତଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଘଟଣାରେ ତିନିଜଣଙ୍କୁ ଅଟକ ରଖାଯାଇଥିବା ସୂଚନା ମିଳିଛି।

# ଉତ୍କଳ ସମ୍ମିଳନୀ ପାଳିଲା ନୂଆଁଖାଇ




ନୂଆଁଖାଇ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା ଅଫିସ,୨।୯

ରାଉରକେଲା ଛେଣ୍ଡ ସ୍ଥିତ ଧାମରା ସଂଘ ପରିସରରେ ଶୁକ୍ରବାର ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ଓ ଉତ୍କଳ ଶିଳ୍ପ ପରିଚାଳକ ସମାଜର ମିଳିତ ଆନୁକୂଲ୍ୟରେ ନୂଆଁଖାଇ ପାଳିତ ହୋଇଛି। ସଭାପତି ସୁଦାମ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି, ରାଉରକେଲା ବିଧାୟକ ସାରଦା ପ୍ରସାଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ. ଦିବ୍ୟକାନ୍ତ ବିଲୁଙ୍ଗ ମୁଖ୍ୟବକ୍ତା ଭାବେ ଯୋଗଦେଇ ନୂଆଁଖାଇ ପର୍ବ ପାଳନରେ ଭାଇଚାରା, କୃଷି ଓ ଜନଜାତି ସଂସ୍କୃତିର ସମନ୍ୱୟ ଉପରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଉତ୍କଳ ଶିଳ୍ପ ପରିଚାଳକ ସମାଜ ସଭାପତି ଚିତ୍ତରଞ୍ଜନ ଦାଶ, ଡ. କିଶୋରୀ ଦାଶ, ଆଇନଜୀବୀ ଶୈଳେନ୍ଦ୍ର ମହାନ୍ତି, ଡଲିରାଣୀ ବ୍ରହ୍ମା, ସୁନୀଲ କୁମାର ମହାନ୍ତି, ଶରତ କୁମାର ଦାଶ, କିଶୋରୀ ମୋହାନ କର, ବିଜୟ କୁମାର ବରାଳ, ମୀନତି ବିଶ୍ୱାଳ, ନମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ପାନପୋଷ ଉପଖଣ୍ଡର ବିଦ୍ୟାଳୟମାନଙ୍କରେ ଓଡିଶାର ସାଂସ୍କୃତିକ ପରମ୍ପରା ଶୀର୍ଷକ ପ୍ରବନ୍ଧ ଲିଖନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ଉପସଭାପତି ତପସ୍ୱିନୀ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳିତ

ସୁନ୍ଦରଗଡ,୨।୯(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଗଣେଶଙ୍କ ପୂଜନୋତ୍ସବ ଆଡ଼ମ୍ବର ସହକାରେ ପାଳନ କରାଯାଇଛି। ଏହି ଅବସରରେ ଟିସ୍‌କୋ ଶିବ ମନ୍ଦିର ନିକଟରେ ସ୍ଥାନୀୟ ଯୁବକମାନଙ୍କ ପକ୍ଷରୁ ଗଣେଶ ପୂଜା ଆୟୋଜିତ ହୋଇଥିଲା। ଏଥିରେ ନୀଳମଣି ପୂଜକ ଦାୟିତ୍ୱ ତୁଲାଇଥିବା ବେଳେ ଅଙ୍କିତ ଅଗ୍ରୱାଲ କର୍ତ୍ତା ଥିଲେ। ପୂଜା କମିଟି ସମ୍ପାଦକ ମୋହିତ ଅଗ୍ରୱାଲ ସହଯୋଗ କରିଥିଲେ। ସେହିପରି ଜାହାରିଟୋଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୂଜକ ଭାବେ ଯଯାତି କେଶରୀ ମିଶ୍ର ପୂଜା କାର୍ଯ୍ୟ ଏବଂ ନିତେଶ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସେହିପରି ପୁରୁଣାପାଣି ଜଗନ୍ନାଥ ମନ୍ଦିର ନିକଟରେ ଆୟୋଜିତ ଗଣେଶ ପୂଜାରେ ମନୀଶ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ରାଜେଶ ଜୟସ୍ୱାଲ, ଉଇଲମ ପାଇବେଶ, ନରେଶ ଲାଖୁଆ, ରାହୁଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସେଲ୍ ଷ୍ଟିଲ୍‌ରେ ଆଇଏନ୍‌ଏସ୍ ବିକ୍ରାନ୍ତ ନିର୍ମିତ

ରାଉରକେଲା ଅଫିସ,୨।୯

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧ ବିମାନ ପରିବହନକାରୀ ଆଇଏନ୍‌ଏସ୍ ବିକ୍ରାନ୍ତ ଶୁକ୍ରବାର ଭାରତୀୟ ନୌସେନାରେ ସାମିଲ ହୋଇଛି। ଭାରତୀୟ ନୌସେନାର ଏହି ପ୍ରଥମ ସ୍ୱଦେଶୀ ବିମାନ ପରିବହନକାରୀ ନୌଜାହାଜ ନିର୍ମାଣ ପାଇଁ ଆଇଏନ୍‌ଏସ୍ ବିକ୍ରାନ୍ତ ନିର୍ମାଣ ପାଇଁ ଇସ୍ପାତ ଉତ୍ପାଦକ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ (ସେଲ୍) ପ୍ରାୟ ୩୦ ହଜାର ଟନ୍ ଡିଏମ୍‌ଆର ଗ୍ରେଡ୍ ସ୍ପେଶାଲ ଷ୍ଟିଲ ଯୋଗାଇ ଦେଇଛି। ଏହି ସ୍ୱଦେଶୀ ପ୍ରକଳ୍ପ ପାଇଁ ସେଲ୍ ଦ୍ୱାରା ଯୋଗାଯାଇଥିବା ଇସ୍ପାତରେ ସ୍ୱତନ୍ତ୍ର ଡିଏମ୍‌ଆର ଗ୍ରେଡ ପ୍ଲେଟ ଅନ୍ତର୍ଭୁକ୍ତ କରାଯାଇଛି। ଜାହାଜର ହଲ୍ ଓ ଭିତର ପାଇଁ ଗ୍ରେଡ୍ ୨୪୯ ଓ ଫ୍ଲାଇଟ୍ ଡେକ୍ ପାଇଁ ଗ୍ରେଡ୍ ୨୪୯ ବି ଡିଏମ୍‌ଆର ପ୍ଲେଟ ବ୍ୟବହାର କରାଯାଇଛି। ଏହି ଯୁଦ୍ଧ ଜାହାଜ ପାଇଁ ବଲ୍ବ ବାର୍ ବ୍ୟତୀତ କମ୍ପାନୀର ସ୍ୱତନ୍ତ୍ର ଇସ୍ପାତ କାରଖାନା ଭିଲାଇ, ବୋକାରୋ ଓ ରାଉରକେଲାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଇସ୍ପାତ ଯୋଗାଇ ଦିଆଯାଇଥିବା ସେଲ୍ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

# ଭିଖମପୁରରେ ନୂଆଁଖାଇ

ସମ୍ବଲପୁର,୨।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସଂସ୍କୃତି, ପରମ୍ପରା ଓ ଭାଇଚାରାର ଅପୂର୍ବ ନିଦର୍ଶନ ଅଟେ। ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ଭିଖମପୁର ଗ୍ରାମଠାରେ ଆୟୋଜିତ ନୂଆଁଖାଇ ଉତ୍ସବରେ ଅତିଥିମାନେ ଏହି ବାର୍ତ୍ତା ଦେଇଛନ୍ତି। ବରିଷ୍ଠ ଶିକ୍ଷକ ଲଳିତ ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ରାଜାରାମ ଷଡ଼ଙ୍ଗୀ ମୁଖ୍ୟଅତିଥି, ଗୀତିକାର କାଳିଚରଣ ପାଣିଗ୍ରାହୀ ମୁଖ୍ୟବକ୍ତା, ଶିକ୍ଷକ ଦାମୋଦର ମେହେର, ନାରଦ ଦାଶ, ଶୋଇବଦନ ମହାନନ୍ଦ, ଦେବେନ୍ଦ୍ର କୁମାର ଭୋଇ, ଏମ୍.ବି. ଘୋଷ, ସସ୍ମିତା ରାଣୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ଉପରେ ଆଲୋକପାତ କରିଥିଲେ। ଗ୍ରାମର ବରିଷ୍ଠ ନାଗରିକ ମିନକେତନ ବେହେରା, ଠାନ ମେହେର, ପଦ୍ମଲୋଚନ ପ୍ରଧାନ, ପଞ୍ଚାନନ ନାଥ, ସନାତନ ମହାକୁଡ଼ଙ୍କୁ ସମ୍ମାନିତ କରାଯାଇଥିଲା। ମାଁ ସମଲେଶ୍ୱରୀ ଯୁବକ ସଂଘ ସଭାପତି ରଞ୍ଜନ ପଟେଲ ଓ ସମ୍ପାଦକ ରାକେଶ ରାଉତଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଦିବ୍ୟକିଶୋର ମେହେର ଓ ରିଙ୍କୁ ମେହେରଙ୍କ ସଂଯୋଜନାରେ ଡାଲଖାଇ, ରସରକେଲି, ଚୁଟୁକୁଚୁଟା, ଘୋଡ଼ାନାଚ ଆଦି କାର୍ଯ୍ୟକ୍ରମ ହୋଇଥିଲା ।

# ନିଆରା ନୂଆଁଖାଇ: ୧୮୦ ପରିବାରର ୮୦୦ ସଦସ୍ୟ ସାମିଲ

ରେଙ୍ଗାଲି,୨।୯(ଡି.ଏନ.ଏ.)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଏକ ନିଆରା ଉଦାହରଣ ସୃଷ୍ଟି କରିଛି ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକର ଗୋଲାମାଲ ଗ୍ରାମ। ଏହି ପର୍ବରେ ପଶ୍ଚିମ ଓଡ଼ିଶାର ଘରେ ଘରେ ପରିବାର ସହିତ ନୂଆଁ ଖାଇବାର ପରମ୍ପରା ରହିଛି। ହେଲେ ଗୋଲାମାଲ ଗାଁର ଗୋଟିଏ ଜାଗାରେ ସମସ୍ତେ ନୂଆଁଖାଇ ପାଳନ କରି ଗୋଟିଏ ପରିବାର ବୋଲି ପ୍ରମାଣିତ କରିଛନ୍ତି। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଏକ ହୋଇଛନ୍ତି। ସବୁ ମତଭେଦକୁ ଭୁଲି ଗୋଟିଏ ଜାଗାରେ ୧୮୦ ପରିବାରର ୮୦୦ ସଦସ୍ୟ ନବାନ୍ନ ଗ୍ରହଣ କରିଛନ୍ତି। ଗୁରୁବାର ମଧ୍ୟାହ୍ନରେ ଗାଁ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସମସ୍ତେ ଏକାଠି ହୋଇ ନବାନ୍ନ ଗ୍ରହଣ କରିବାର ଦୃଶ୍ୟ ନିଆରା ଥିଲା। ଧାର୍ଯ୍ୟ ସମୟରେ ଘରେ ନିଜର ଇଷ୍ଟଦେବୀଙ୍କୁ ପୂଜା କରିସାରିବା ପରେ ସମଲେଶ୍ୱରୀ ମନ୍ଦିରରେ ସମସ୍ତେ ନବାନ୍ନ ପୂଜା କରିବା ପରେ ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ନବାନ୍ନ ଦେଇଥିଲେ। ନବାନ୍ନ ଖାଇ ଗ୍ରାମବାସୀ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇଥିଲେ। ଗାଁର ଝିଅବୋହୂ ଏକାଠି ହୋଇ ପିଠାପଣା ତିଆରି କରିବା ସହ ଭାତ, ଡାଲି, ତରକାରି, ଖିରି ରୋଷେଇ କରିଥିଲେ। ଏହି ଅବସରରେ ଗାଁର ବୟୋଜ୍ୟେଷ୍ଠ ଷୋକିଲାଲ ସାହୁ, ରଞ୍ଜିତ ସାହୁ, ସଚିତା ବିଶ୍ୱାଳ, ରୂପିନ୍ଦ୍ର ସାହୁ, ସନ୍ତୋଷ ବିଶ୍ୱାଳ, ଦୀନବନ୍ଧୁ ବାରିକଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ଏକାଠି ନୂଆଁ ଖାଉଛନ୍ତି ଗ୍ରାମବାସୀ ।

# ଏକ ସାଙ୍ଗରେ ନୂଆଁଖାଇଲେ ଦଣ୍ଡସେନା ପରିବାର



**ଖଡ଼ିଆଲ,୨।୯(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଦଣ୍ଡସେନା ପରିବାର ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭର କରୁଥିବା ବେଳେ କୃଷିଭିତ୍ତିକ ନୂଆଁଖାଇ ପର୍ବ ମହାସମାରୋହରେ ପାଳନ କରନ୍ତି। ନେହେନା ଦଣ୍ଡସେନା ପରିବାରର ଏକ ହଜାରରୁ ଅଧିକ ସଦସ୍ୟ ଦୀର୍ଘ ବର୍ଷ ଧରି ଏକତ୍ର ନୂଆଁଖାଇ ପାଳନ କରି ଆସୁଛନ୍ତି। ଗତ ଦୁଇ ବର୍ଷ କରୋନା ମହାମାରୀ ଯୋଗୁ ବନ୍ଦ ରହିଥିଲା। ଚଳିତ ଥର ପରିବାରର ସମସ୍ତ ସଦସ୍ୟ ଗୋଟିଏ ସ୍ଥାନରେ ନୂଆଁଖାଇ ପାଳନ କରି ଏକତାର ଓ ଭାଇ ଚାରାର ନିଦର୍ଶନ କରିଛନ୍ତି। ପ୍ରଥମେ ପରିବାରର ଇଷ୍ଟ ମା' ମଙ୍ଗଳାଙ୍କୁ ନୂଆ ଅର୍ପଣ କରିବା ପରେ ସମସ୍ତ ଦେବା ଦେବୀଙ୍କୁ ଅର୍ପଣ କରି ନୂଆଖାଇ ଥିଲେ। ନୂଆଁଖାଇବା ପରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଜ୍ୟେଷ୍ଠମାନଙ୍କୁ ଜୁହାର କରି ଆଶୀର୍ବାଦ ନେଇଥିଲେ। ଚଳିତବର୍ଷ ପାଇଁ ସାମୁହିକ ନୂଆଁଖାଇ ପର୍ବ ସ୍ୱର୍ଗତ ପୀତାମ୍ବର ଦଣ୍ଡସେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଳନ କରାଯାଇଥିଲା। ଏହାର ସମସ୍ତ ଖର୍ଚ୍ଚ ତାଙ୍କର ଦୁଇ ପୁଅ ବିକ୍ରମ ସିଂ ଦଣ୍ଡସେନା ଓ ବିରେନ୍ଦ୍ର ସିଂ ଦଣ୍ଡସେନା ବହନ କରିଥିଲେ। ଦଣ୍ଡସେନା ଗୋଟିଏ ବିଶାଳ ପରିବାର ହୋଇଥିବା ବେଳେ ଅନେକ ସଦସ୍ୟ ରାଜ୍ୟ ତଥା ରାଜ୍ୟ ବାହାରୁ ଆସି ନୂଆଁଖାଇରେ ସାମିଲ ହୋଇଥିଲେ। ଚଳିତ ବର୍ଷ ନୂଆଁଖାଇରେ ଛାତ୍ରୀଛାତ୍ର ଓ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ରାତିରେ ସଂସ୍କୃତି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କେବଳ ପରିବାରର ସଦସ୍ୟମାନେ ଭାଗ ନେଇଥିଲେ। ଏଥିରେ ଅଶୋକ ଦଣ୍ଡସେନା, ବିରେନ୍ଦ୍ର ଦଣ୍ଡସେନା, ସାରଙ୍ଗ ପାଣି, ରାଜୁ, ଯୁଗଳ, ଆଶୁତୋଷ, ବିଶ୍ୱ ରଞ୍ଜନ, ସଞ୍ଜୀବ, ଘେନୁରାମ ଓ ପରିବାରର ଅନ୍ୟ ସଦସ୍ୟମାନେସହଯୋଗ କରିଥିଲେ।

# ନିଜ ପରିବାରର ମଙ୍ଗଳ ମନାସିଲେ ଅନ୍ତେବାସୀ

**ଦେଓଗାଁ,୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ ସାଲେପାଲି ଗ୍ରାମମଙ୍ଗଳ ପାଠାଗାର ଅଧୀନରେ ଚାଲିଥିବା ବାର୍ଦ୍ଧକ୍ୟ ଆବାସରେ ଗୁରୁବାର ରୀତିନୀତି ଅନୁଯାୟୀ ଇଷ୍ଟଦେବୀଙ୍କ ଠାରେ ଭୋଗ ଲାଗିବା ପରେ ନୂଆଁଖାଇ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଆବାସରେ ରହୁଥିବା ଜିଲା ତଥା ଜିଲା ବାହାରର ୨୬ଜଣ ବୃଦ୍ଧାବୃଦ୍ଧ ଅନ୍ତେବାସୀ ନୂତନ ବସ୍ତ୍ର ପରିଧାନ କରି ନୂଆଁ ଖାଇବା ପରେ ଇଷ୍ଟଦେବୀଙ୍କୁ ମୁଣ୍ଡିଆ ମାରି ନିଜ ପରିବାର ସଦସ୍ୟଙ୍କ ମଙ୍ଗଳ ମନାସି ଥିଲେ ।ଏହି ଅବସରରେ ଅନ୍ତେବାସୀମାନେ ଅତୀତର ଅନୁଭୂତିକୁ ମନେପକାଇ ଭାବବିହ୍ୱଳ ହୋଇଥିବା ଦେଖିବାକୁ ମିଳିଥିଲା। ଅନୁଷ୍ଠାନର ଦାୟିତ୍ୱରେ ଥିବା ଶିବପ୍ରସାଦ ସାହୁଙ୍କ କହିବାନୁସାରେ ଏଠାକୁ ଆସିବା ପୂର୍ବରୁ ନିଜ ପରିବାର ସଦସ୍ୟଙ୍କ ସହ କିପରି ଆନନ୍ଦ ଉଲ୍ଲାସର ସହ ନୂଆଁଖାଇ ପର୍ବ ପାଳନ କରୁଥିଲେ ତାକୁ ମନେପକାଇ ଅନ୍ତେବାସୀମାନେ କୋହ ସମ୍ଭାଳି ପାରୁ ନ ଥିଲେ । ହେଲେ ପରିସ୍ଥିତି ଏମାନଙ୍କୁ ଏଠାକୁ ନେଇ ଆସିଛି। ଅନ୍ତେବାସୀମାନେ ନିଜ ଆତ୍ମୀୟ ସ୍ୱଜନଙ୍କୁ ଛାଡି ଏଠି ନୂଆ ପରିବାର ପାଇଛନ୍ତି । ପରିଣତ ବୟସରେ ଗୋଟିଏ ଛାତ ତଳେ ରହି ଏବେ ନିଜ ଦୁଃଖ ଭୁଲି ଦିନ କାଟୁଛନ୍ତି । ଏହି ବାର୍ଦ୍ଧକ୍ୟ ଆବାସ ପରିଚାଳନାରେ ରମାକାନ୍ତ ସାହୁ, ଚତୁର୍ଭୁଜ ଭୋଇ, ସଞ୍ଜୁ ବିଶ୍ୱାଲ, ଶିବ ପ୍ରସାଦ ସାହୁ, ଏବଂ କମିଟିର କାହ୍ନୁ ଚରଣ ଷଡଙ୍ଗୀ ଓ ଉତ୍ତମ ଭୋଇ ବିଶେଷ ସହଯୋଗ କରିଛନ୍ତି।

# ହର୍ଷଉଲ୍ଲାସରେ ପାଳିତ ହେଲା ନୂଆଁଖାଇ

**ଲାଞ୍ଜିଗଡ଼,୨।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ନୂଆଁଖାଇ ଧୂମଧାମରେ ପାଳିତ ହୋଇଥିବାବେଳେ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି ଜୁହାର ଭେଟ୍ କାର୍ଯ୍ୟକ୍ରମ। ନୂଆଖାଇ ପାଇଁ ସମଗ୍ର ଲାଞ୍ଜିଗଡ ବ୍ଲକ ଅଞ୍ଚଳ ଚଳଚଞ୍ଚଳ ହୋଇଥିବାବେଳେ କୁରେଇ ପତ୍ରରେ ନୂଆଁବା ପରେ ପରସ୍ପର ଜୁହାରଭେଟ ହୋଇ ମଙ୍ଗଳ କାମନା କରିଛନ୍ତି। ଏହିକ୍ରମରେ ବ୍ଲକର ଲାଞ୍ଜିଗଡ ଓ ବିଶ୍ୱନାଥପୁରକୁ ଛାଡିଦେଲେ ଅନ୍ୟାନ୍ୟ ଅଞ୍ଚଳରେ ନୂଆଁଖାଇକୁ ନେଇ ବେଶ ଉତ୍ସାହ ଦେଖିବାକୁ ମିଳିଛି। ତେବେ ବ୍ଲକର କଦମ୍ବଗୁଡା ଗ୍ରାମପଞ୍ଚାୟତର କାଠସମା ଗାଁରେ ନିଆରା ଢଙ୍ଗରେ ପାଳିତ ହୋଇଛି ନୂଆଁଖାଇ। ଗାଁରେ ଚାରିଗୋଟି ପଡା ରହିଥିବାବେଳେ ବିଭିନ୍ନ ଜାତିର ଲୋକଙ୍କୁ ନେଇ ପ୍ରାୟ ଦୁଇଶହ ପରିବାର ଏକାଠି ବସି ନୂଆଁଖାଇବା ନୂଆଖାଇର ସାର୍ଥକତା ପ୍ରତିପାଦିତ କରିଛି। ଗାଁର ଲୋକେ ସମବେତ ହୋଇ ନୂଆଁଖାଇବା ଏକ ରେକର୍ଡ ସୃଷ୍ଟି କରିଛି। ପର୍ବ ଶେଷ ହେବା ପରେ ଗାଁ ଗାଁରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ସମରକଟାଠାରେ ନୂଆଁଖାଇ ଭେଟ୍‌ଘାଟ୍

**ରୁପ୍ରା ରୋଡ଼,୨।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବସ୍ତି ଏବଂ ସମର୍କଟାଠାରେ ନୂଆଁଖାଇ ଆୟୋଜକ କମିଟି ସମ୍ପାଦକ ଅରୁଣ କୁମାର ପ୍ରଧାନୀଙ୍କ ନେତୃତ୍ୱରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଭୋର ସମୟରେ କୁରେଇ ପତ୍ରରୁ ଆରମ୍ଭ କରି ନୂଆଧାନ ସଂଗ୍ରହ, ଗାଁ ଦେବତୀ, ଧରଣୀ ପୀଠରେ ପୂଜା ପାଠ, ସାମୂହିକ ନବାନ୍ନ ଭକ୍ଷଣ ଓ ନୂଆଁଖାଇ ଭେଟର ଆୟୋଜନ କରାଯାଇଥିଲା। ନାଚ, ଗୀତ, ପ୍ରତିଯୋଗିତା କରି ବୟୋଜ୍ୟେଷ୍ଠମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟରାମ ଚନ୍ଦନ କାଠି ନୃତ୍ୟ ପରିବେଷଣ କରିଥିଲେ। ଆୟୋଜକ ଅରୁଣ କୁମାର ପ୍ରଧାନୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



















































See Career Appointment on every Wednesday & Saturday

### ସାପ କାମୁଡାରେ ନାବାଳିକା ମୃତ

ବୌଦ୍ଧ,(ସ୍ୱ.ପ୍ର):ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତର ବଡସୁବଳୟା ଗ୍ରାମରେ ସାପ କାମୁଡାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ବଡସୁବଳୟା ଗ୍ରାମର ସୁଧିର ଗିରିଙ୍କ ପରିବାର ଗୁରୁବାର ରାତିରେ ଖାଇ ସାରି ଶୋଇଯାଇଥିଲେ। ହଠାତ ରାତିରେ ଏକ ବିଷଧର ସାପ ତାଙ୍କର ନଅ ବର୍ଷର ଝିଅ ଚିନ୍ମୟୀ ଗିରିଙ୍କୁ କାମୁଡି ଦେଇଥିଲା। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ଚିନ୍ମୟୀଙ୍କ ମୃତ୍ୟୁ ଘଟିଛି। ଚିନ୍ମୟୀ ତାଙ୍କ ଗ୍ରାମ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲକିଲା ମଞ୍ଚ

ସୋନପୁର,୨।୯(ନି.ପ୍ର.)

କରୋନା କଟକଣା ହଟିବା ପରେ ଚଳିତବର୍ଷ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ସୁବର୍ଣ୍ଣପୁର ଜିଲାର ବିନିକା ଅଞ୍ଚଳରେ ବେଶ ଧୂମଧାମରେ ପାଳିତ ହେଉଛି। ଅଧିକାଂଶ ସ୍ଥାନରେ ଲୁକ୍କାୟିତ ପ୍ରତିଭାଙ୍କ ପାଦର ଘୁଙ୍ଗୁରରେ ସାଂସ୍କୃତିକ ମଣ୍ଡପ ଦୁଲକି ଉଠିଛି। ବିନିକା ବ୍ଲକ ଫୁଲମୁଠିରେ ଗୁରୁବାର ରାତିରେ କଳାକାରଙ୍କ ନୃତ୍ୟ ଦେଖିବା ପାଇଁ ଦର୍ଶକ ସାରା ରାତି ଉଜାଗର ରହିଥିଲେ। ନୂଆଁଖାଇ ଦିନ ଗାଁର ଇଷ୍ଟ ଦେବାଦେବୀଙ୍କ ଠାରେ ନୂଆଁ ଚାଉଳ ଅର୍ପଣ ପରେ ପ୍ରତ୍ୟେକ ପରିବାର ନିଜ ନିଜ କୂଳ ଦେବତାଙ୍କୁ ପୂଜାର୍ଚ୍ଚନା କରି ଏକାଠି ବସି ନୂଆଁ ଖାଇଥିଲେ। ପରେ ଛୋଟରୁ ବଡ ପର୍ଯ୍ୟନ୍ତ ଜୁହାର ଭେଟଘାଟ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିନିକା ବ୍ଲକ ଫୁଲମୁଠିର ଅଗ୍ରଣୀ ଅନୁଷ୍ଠାନ ଆଜାଦ ୟୁଥ କ୍ଲବ ତରଫରୁ ୨୨ତମ ନୂଆଁଖାଇ ଭେଟଘାଟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରପଡ଼ା ମଣ୍ଡପଠାରେ ସଭାପତି ଆନନ୍ଦ କୁମାର


କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ହୋତାଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ସମ୍ପାଦକ ନୀଳାମ୍ବର ସାହୁ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଚରଦା ସରପଞ୍ଚ ବୃନ୍ଦାବତୀ ନାୟକ ଓ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ପ୍ରମିଳା କଳତା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରମୋଦ ଦାଶ, ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ ରଥ, ସରକାରୀ ଓକିଲ ସୁଧାଂଶୁ ଦାଶ, ଚାଷୀ ନେତା ଭୀମସେନ ସାହୁ, ମାନସ ବେହେରା, ବିଜେଡ଼ି ବ୍ଲକ ସଭାପତି ଦ୍ୱାରିକାନାଥ ସାହୁ, ବାବୁଲା ପଣ୍ଡା, ବନବିହାରୀ ମେହେର, ଗଣେଶ ମେହେର, ରବୀନ୍ଦ୍ର ହୋତା ଓ ରାମ ଗୋପାଳ ବାଘ ପ୍ରମୁଖ ଯୋଗଦେଇ ନୂଆଁଖାଇ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମଣ୍ଡପରେ ଗୋକୁଳାଷ୍ଟମୀ ଲୀଳା ଯାତ୍ରାର ପୃଷ୍ଠପୋଷକ ୯୪ବର୍ଷୀୟ ଗଣେଶରାମ ଦାଶଙ୍କ ଜନ୍ମଦିନ ପାଳନ

## ଫୁଲମୁଠିରେ ନୂଆଁଖାଇ ଭେଟଘାଟ

କରାଯାଇଥିଲା। ପରେ କଳାକାରଙ୍କ ପାଦର ଘୁଙ୍ଗୁର ଶବ୍ଦରେ ସାଂସ୍କୃତିକ ମଣ୍ଡପ ଦୁଲକି ଉଠିଥିଲା। ଏଥିରେ ସିଙ୍ଗିଲରେ ୨୪ଜଣ ଏବଂ ୧୬ଟି ଗ୍ରୁପ ଡ୍ୟାନସ ଦଳ ଭାଗ ନେଇଥିଲେ। ଯୁବରାଜ ଭୋଇ(ପ୍ରଥମ), ଜଗଦୀଶ ମୁଣ୍ଡା(ଦ୍ୱିତୀୟ), ସଞ୍ଜୟ କୁମାର(ତୃତୀୟ) ହୋଇଥିବା ବେଳେ ଗ୍ରୁପ ଡ୍ୟାନସରେ ବରଗଡ଼ର ବଳରାମ ଏଣ୍ଡ ଆଳିଶା(ପ୍ରଥମ)ଙ୍କୁ ମାନପତ୍ର ଦିଆଯାଇ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଚାରକ ଭାବେ ବିଜୟ ମହାରଣା, ମଦନ ହୋତା ଓ ସୁରଜ ଷଡ଼ଙ୍ଗୀ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜୁବିଲି ପଣ୍ଡା, ଅଭିଷେକ ହୋତା, ମିଥୁନ ଚୌଧୁରୀ, ନିରଞ୍ଜନ ସାହୁ, ଦୀପ୍ତିକାନ୍ତ କର୍ଣ୍ଣ, ଧରମ ମେହେର, ସଞ୍ଜୀବ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ଯୁବକ ସଂଘ ପାଳିଲା ନୂଆଁଖାଇ ଭେଟ୍‌ଘାଟ୍



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ସଂଘର କର୍ମକର୍ତ୍ତା।

ବରଗଡ଼ ଅଫିସ,୨।୯

ବରଗଡ ଜିଲା ମେଲଛାମୁଣ୍ଡା ପଞ୍ଚାୟତ ପଣ୍ଡରିପାଣି ଗ୍ରାମରେ ସତ୍ୟାନନ୍ଦ ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ କୁମାର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ସଂଘ ସଭାପତି ବାଞ୍ଛାନିଧି ସାହୁ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ଜଗଦୀଶ ଲୁହା, ଶିକ୍ଷକ ନରେନ୍ଦ୍ର ଜାଲ, ୱାର୍ଡ ମେମ୍ବର ଚୂଡ଼ାମଣି ସାହୁ, ଗୌନ୍ତିଆ ମନ ଚାନ୍ଦ, ସୁଶୀଲ ଚାନ୍ଦ, ସମ୍ପାଦକ ପ୍ରସନ୍ନ ବିଶି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଂଘ ପ୍ରତିଷ୍ଠାତା ସ୍ୱର୍ଗତ ଦିଲୀପ କୁମାର ପଣ୍ଡାଙ୍କ ଫଟୋଚିତ୍ର ଉନ୍ମୋଚନ ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୀତନାଚ ଓ ସମ୍ବଲପୁରୀ ନାଟକ 'ବୁଟକା' ମଞ୍ଚସ୍ଥ ହୋଇଥିଲା। ପ୍ରଦୀପ କୁମାର ପଣ୍ଡାଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ଗଣେଶ, ରାଜୁ, ଆକାଶ, ମନସି, ମୁନା, କୁନା, ବୀର, ଜଗା, ଟିଙ୍କୁ, ଜୟଦେବ, ପାକା, ପବିତ୍ର, ଦୟା, ସୁରଜ ପ୍ରମୁଖ ଅଭିନୟ କରିଥିଲେ। ଶେଷରେ ଜୟଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ସଦସ୍ୟା ହେଲେ ଶ୍ରୀମ୍ୟା କର୍ମୀ

**ଅମରପାଲି,୨।୯(ଡି.ଏନ.ଏ.):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ



କ୍ରମେ ବିଜୁ ମହିଳା ଜନତା ଦଳର ନୂତନ ରାଜ୍ୟ କମିଟି ଘୋଷିତ ହୋଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ପୂର୍ବତନ ବ୍ଲକ ଉପାଧକ୍ଷା ଶ୍ରୀମ୍ୟା କର୍ମୀ ମନୋନୀତ ହୋଇଥିବା ଜଣାପଡ଼ିଛି। କର୍ମୀ ବର୍ତ୍ତମାନ ଉଫୁଲା ପଞ୍ଚାୟତର ସରପଞ୍ଚ, ବ୍ଲକ ସରପଞ୍ଚ ସଂଘର ସଭାନେତ୍ରୀ ଓ ଜିଲା ସରପଞ୍ଚ ସଂଘର ସାଧାରଣ ସମ୍ପାଦିକା ଅଛନ୍ତି। ସେ ଉଫୁଲା ସେବା ସମବାୟ ସମିତିର ଉପସଭାପତି ଭାବେ ଲଗାତାର ଦୁଇଥର ନିର୍ବାଚିତ ହୋଇଛନ୍ତି। ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ମନୋନୀତ ହେବା ପରେ ତାଙ୍କୁ ବିଭିନ୍ନ ବ୍ୟକ୍ତିବିଶେଷ ଶୁଭେଚ୍ଛା ଜଣାଇଛନ୍ତି।

# ବାଲିଯୋରୀରେ ନୂଆଖାଇ ଭେଟ୍

ବରଗଡ଼ ଅଫିସ୍,୨।୯

ବରଗଡ଼ ବ୍ଲକ ନିଲେଶ୍ୱର ପଞ୍ଚାୟତ ବାଲିଯୋରୀ ତଳିପଡ଼ା ବିନାୟକ ଯୁବକ ସଂଘ ଆନୁକୂଲ୍ୟରେ ନୂଆଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ନିରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଗ୍ରାମ୍ୟ ପରିମଳ କମିଟି ସଭାପତି ସିଦ୍ଧେଶ୍ୱର ପାଣିଗ୍ରାହୀ ମୁଖ୍ୟ ବକ୍ତା, ବରଗଡ଼ ସଦର ଥାନାଧିକାରୀ ସ୍ୱପ୍ନାରାଣୀ ଗୋଚ୍ଛାୟତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନାଏବ ସରପଞ୍ଚ ସୁକାନ୍ତୀ ତାଣ୍ଡି, ତରଣୀସେନ ବିଶ୍ୱାଳ, ରାମେଶ୍ୱର ସାହୁ, ଭିଏଲଡବ୍ଲ୍ୟୁ ସେବା ଭେସ୍ରା, ଜୟନ୍ତ ଷାଣ୍ଢ, ଅଭିମନ୍ୟୁ ଭୋଇ, ଦଶରଥ ପାଣିଗ୍ରାହୀ, ଦଶରଥ ସାହୁ, ସତ୍ୟାନନ୍ଦ ବିଶ୍ୱାଳ, ସମୀର ବିଶ୍ୱାଳ, ରାଜକୁମାର


ବାଲିଯୋରୀ ନୂଆଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥିବୃନ୍ଦ।

ବନଛୋର ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରୀବସ୍ତ ଛତର ସଭାପତିତ୍ୱ କରିଥିଲେ। ଏହି ଅବସରରେ ଭିମସାର୍, ବୁର୍ଲାର ଡାକ୍ତରୀ ଛାତ୍ର ଇପ୍‌ସିତ ଭୋଇ, ଆଶା ଦିଦି ସୋମନ୍ଦ୍ର ଛତର, ବାଦକ ଅଯୋଧ୍ୟା ଭୋଇ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଶିଶୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକ କର୍ମୀ ସ୍ୱର୍ଗତ ଦେବବ୍ରତ ଭୋଇଙ୍କ ସ୍ମୃତି ଚାରଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସୌରଭ ପାଣିଗ୍ରାହୀ ସଭା ପରିଚାଳନା କରିଥିବା ବେଳେ ସୁଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଗମ୍ଭାରୀଗୁଡାରେ ନୂଆଁଖାଇ ଭେଟ୍‌ଘାଟ୍

ନୂଆପଡ଼ା ଅଫିସ,୨।୯

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗମ୍ଭାରୀଗୁଡା ଗାଁ ଗାୟତ୍ରୀ ଛକଠାରେ ଗଣେଶ ପୂଜା କମିଟି ପକ୍ଷରୁ ନୂଆଁଖାଇ ନୂଆଁଖାଇ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନବାନ୍ନ ଭକ୍ଷଣ ଓ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସମ୍ପାଦକ ଲମ୍ବୋଦର ନିଆଲ ଯୋଗଦେଇଥିବା ବେଳେ ବନମାଳୀ ମେହେର, ମୁକୁନ୍ଦ ମେହେର, ଗୋବର୍ଦ୍ଧନ ମେହେର, ଗଣ୍ଡାବାହାଲି ସରପଞ୍ଚ କୌଶଲ୍ୟା ମେହେର, ଚୂଡାରାମ ବିହାରୀ, ହଜାରି ପଟେଲ, ରୂପସିଂ ଭୋଇ, ଗଦାଧର ମେହେର, ଅକାଳ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ୧୫ଟି ସାଂସ୍କୃତିକ ଦଳ ଭାଗ ନେଇ ପରିବେଷଣ କରିଥିଲେ। ଗଣେଶ ପୂଜା କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ନୂଆଁଖାଇ ଭେଟ୍‌ଘାଟ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବେହେରା,୨।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଖୁଣ୍ଟିଆଠାରେ ଯୁବକମାନଙ୍କ ଉଦ୍ୟମକ୍ରମେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆମ ଆଦମୀ ପାର୍ଟି ମହିଳା ମୋର୍ଚ୍ଚା ନେତ୍ରୀ ମମତା ମଲ୍ଲିକ ସୁନାବେଡ଼ା, କୋରାପୁଟ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସୁଧୀର ନାୟକ, କୈଳାଶ ଚନ୍ଦ୍ର ସୁନାନୀ, ଚୈତନ୍ୟ ସୁନାନୀ, ଚିତ୍ରସେନ ସୁନାନୀ, ଯୋଗଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନିକୁନି ପିଲାମାନେ ନୃତ୍ୟ, ଗୀତ, ଏକାଙ୍କିକା ପରିବେଷଣ କରିଥିଲେ। କୁନିକୁନି ପିଲାମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ମନଛୁଆଁ ହୋଇଥିଲା। କାର୍ଯ୍ୟକ୍ରମରେ ଯୁବକ ସମାଜର ବସନ୍ତ ସୁନାନୀ, ସିମାଞ୍ଚଳ ସୁନାନୀ, ବିକ୍ରମ ଦୁର୍ଗା, ନବୀନ ସୁନାନୀ, ନିପୁ ସୁନାନୀ, ହରେସ ସୁନାନୀ, ମଞ୍ଜି ଦୁର୍ଗା, ଭୁପିନ ସୁନାନୀ, ବଣ୍ଟି ନାୟକ ସମ୍ପାଦନ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ରୁପେନ୍ଦ୍ର ସୁନାନୀ ସଂଯୋଜନା କରିଥିଲେ।

# ଏକତା, ଅଖଣ୍ଡତାର ପର୍ବ ନୂଆଁଖାଇ



ଖଜୁରଟିକ୍ରା ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ,୨।୯

ବରଗଡ଼ ଖଜୁରଟିକ୍ରା ବଳରାମ ଦେବ କ୍ଲବ ଆନୁକୂଲ୍ୟରେ ୪୮ତମ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପାଳ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ସଂସ୍କୃତି, ପୂଜ୍ୟପୂଜା, ଏକତା ଓ ଅଖଣ୍ଡତାର ପର୍ବ ବୋଲି ଉଲ୍ଲେଖ କରିଥିଲେ। ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡଙ୍ଗୀ, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ ଦେବତା, ପୌରାଧ୍ୟକ୍ଷା କଳ୍ପନା ମାଝୀ, ସାମାଜିକ କର୍ମୀ ଚନ୍ଦ୍ରଶେଖର ବାଗ, ଫକୀର କର୍ଣ୍ଣ, କାଉନସିଲର ରିନା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନୂଆଁଖାଇ ତିହାର ଆମ ସଂସ୍କୃତିର ପରିଚୟ ବୋଲି ଉଲ୍ଲେଖ କରିଥିଲେ। କ୍ଲବ ସଭାପତି ସରୋଜ ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ କ୍ଷେତ୍ରପାଳ ସାହୁ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବିଶିଷ୍ଟ କଳାକାର ସୁରେଶ ଗନ୍ତାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟିକା 'ସମ୍ବରଧନା' ମଞ୍ଚସ୍ଥ ହୋଇଥିଲା।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ବରଗଡ଼ ଅଫିସ୍,୨।୯:** ବରଗଡ଼ ଜିଲା ପଦ୍ମପୁର ବ୍ଲକ ଅଧୀନ ମହୁଲପାଲି ପ୍ରାଥମିକ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ରଣାଙ୍କ ଶୁକ୍ରବାର ପରଲୋକ ହୋଇଛି।



ତାଙ୍କୁ ୬୦ବର୍ଷ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ରଣା ତାଙ୍କ ଜୀବନକାଳରେ ପଦ୍ମପୁର ଅଞ୍ଚଳର ବିଭିନ୍ନ ସ୍କୁଲରେ ଶିକ୍ଷକତା କରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ମୃତ୍ୟୁ ପଛରେ ସେ ପୁଅ ସୌମ୍ୟ ଶାଶ୍ୱତ, ଝିଅ ମଧୁସ୍ମିତା, ଜ୍ୱାଇଁ ପ୍ରତାପ ଏବଂ ଅନ୍ୟ ଆତ୍ମୀୟ ସ୍ୱଜନଙ୍କୁ ଛାଡ଼ି ଯାଇଛନ୍ତି।

## ଚାନ୍ଦୁଆପାଲିରେ ନୂଆଁଖାଇ ଭେଟ୍‌ଘାଟ୍

ବରପାଲି,୨।୯(ଡି.ଏନ.ଏ.)

ବରଗଡ଼ ଜିଲା ବରପାଲି ବ୍ଲକ ସତଲମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚାନ୍ଦୁଆପାଲି ଗ୍ରାମର ମା' ପୂର୍ଣ୍ଣମାସୀ ସାଂସ୍କୃତିକ କଳା ପରିଷଦ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଶଶଧର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ ମୁଖ୍ୟ ଅତିଥି, ଶିକ୍ଷକ ଅରବିନ୍ଦ ବିଶି ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଲକ୍ଷ୍ମଣ ଷାଣ୍ଢ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶେଷଦେବ ଷାଣ୍ଢ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧରମସିଂ ବରିହା, ସୁବୋଧ ସାହୁ, ସୂର୍ଯ୍ୟ ଦାସ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଜେବିୱାଇସି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କର୍ଲାମୁଣ୍ଡା,୨।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ଜ୍ୟୋତି ବିକାଶ ଯୁବକ ସଂଘ ପକ୍ଷରୁ ଚତୁରବିଂଶ ତମ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଫକୀର ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ରିଷିଡା ସରପଞ୍ଚ ସେବତୀ ରଣା ମୁଖ୍ୟଅତିଥି, ନାଏବ ସରପଞ୍ଚ ନରେଶ ଦାସ, ଗ୍ରାମ ଉନ୍ନୟନ କମିଟି ଉପସଭାପତି ପ୍ରମୋଦ କୁମାର ସାହୁ, ଶ୍ରୀରାମ ମନ୍ଦିର ପରିଚାଳନା କମିଟି ସଭାପତି ଡୋଳାମଣି ସାହୁ, ସମାଜ ସଂସ୍କାରକ ବାବା ଭଗବାନ ସାହୁ, କମ୍ବୁପାଣି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ଏକତା ଓ ଭାଇଚାରା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ନରୋତ୍ତମ ସେଲମା ମଞ୍ଚ ପରିଚାଳନା କରିଥିବାବେଳେ ସହସମ୍ପାଦକ କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହିଅବସରରେ ହଳିଆ ଗୀତ, ଅନ୍ଧ ପୁଟୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୀତବାସ ସାହୁ, ଭଜଶ୍ୟାମ ରଣା, ସୁଶାନ୍ତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ୩ ନକଲି ଶିକ୍ଷକ ବହିଷ୍କୃତ, ୪ ଜଣଙ୍କୁ କାରଣ ଦର୍ଶାଅ ନୋଟିସ

ବୌଦ୍ଧ,୨।୯(ସ୍ୱପ୍ର)

ବୌଦ୍ଧ ଜିଲାରେ ଜାଲ ସାର୍ଟିଫିକେଟ ଦେଇ ବହୁ ଶିକ୍ଷକ ଚାକିରି କରୁଥିବା ବେଳେ ବିଭିନ୍ନ ସମୟରେ ଅଭିଯୋଗ ପରେ ଜିଲା ଶିକ୍ଷା ବିଭାଗର ଚେତା ପଶିଛି। ନୟାଗଡ ଜିଲା ବଳଭଦ୍ରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନିଶାଙ୍କ ଜାଲ ବିଇଡି ସାର୍ଟିଫିକେଟ ଦେଇ ଜିଲାର ହରଭଙ୍ଗା ବ୍ଲକର ହାଟଗାଁ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ଗତ ୨୦୧୩ ମସିହାଠାରୁ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିଲେ। କିନ୍ତୁ ତାଙ୍କ ସାର୍ଟିଫିକେଟ ଜାଲ ହୋଇଥିବା ନେଇ ଶିକ୍ଷା ବିଭାଗ ପକ୍ଷରୁ ଜାଣିବା ପରେ ଗତ ୨୬ରେ ବୌଦ୍ଧ ଥାନାରେ ଏତଲା ହେବା ପରେ ସେ ଗିରଫ ହୋଇ ବର୍ତ୍ତମାନ ଜେଲରେ ଅଛନ୍ତି। ଶିକ୍ଷା ବିଭାଗ ଆଗରୁ କିଛି ନକଲି ଶିକ୍ଷକଙ୍କ ନାମରେ ଥାନାରେ ମାମଲା କରିଥିବା ବେଳେ କିନ୍ତୁ ସେପରି କୌଣସି ସଠିକ ପଦକ୍ଷେପ ନିଆଯାଇପାରିନାହିଁ। କିନ୍ତୁ ଗତ ୩୧ ତାରିଖରେ ଜିଲା ଶିକ୍ଷା ଅଧିକାରୀ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଯୋଗୁଁ ୩ ଜଣ ଶିକ୍ଷକଙ୍କୁ ବହିଷ୍କୃତ କରିଥିବା ବେଳେ ୪ ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବହିଷ୍କୃତ ହୋଇଥିବା ୩ ଶିକ୍ଷକ ହେଲେ ହରଭଙ୍ଗା ବ୍ଲକର ତଳଗାଁ କ୍ଲଷ୍ଟରର ବାରମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଚିତ୍ରସେନ ନାଏକ, ବଡଭୁରୁଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁବାସ ଚନ୍ଦ୍ର ମହାରଣା ଓ ହାଟଗାଁ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନିଶାଙ୍କ। ସେହିପରି ୪ ଜଣ ଜାଲ ସାର୍ଟିଫିକେଟ ଦେଇଥିବା ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏନେଇ ବୌଦ୍ଧ ଜିଲା ଶିକ୍ଷା ଅଧିକାରୀ ଉଦୟନାଥ ମାଝୀଙ୍କୁ ପଚାରିବାରୁ ୩ଜଣ ଶିକ୍ଷକ ଜାଲ ସାର୍ଟିଫିକେଟ ଦେଇଥିବା ଯୋଗୁ ସେମାନଙ୍କୁ ବହିଷ୍କୃତ କରାଯାଇଛି ଓ ୪ ଜଣଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ନେଇ ପ୍ରକାଶ କରିଛନ୍ତି।

# କର୍ଣ୍ଣାଟିକ୍ରାରେ ଏକାଠି ନୂଆଁ ଖାଇଲେ ୮୦ ପରିବାର

ଜାମଟିକ୍ରା,୨।୯(ଡି.ଏନ.ଏ.)

ଅତାବିରା ବ୍ଲକ ଜହ୍ନାପଡା ପଞ୍ଚାୟତର କର୍ଣ୍ଣାଟିକ୍ରା ଗ୍ରାମର ୮୦ଟି ପରିବାର ଏକାଠି ନୂଆଁ ଖାଇଛନ୍ତି। ନୂଆଁଖାଇ ଦିନ ଗ୍ରାମର ସମସ୍ତ ପରିବାର ନିଜ ଘରେ ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରି ଗାଁ ମଝିରେ ରୁଣ୍ଡ ହୋଇଥିଲେ। ଧାର୍ଯ୍ୟ ଲଗ୍ନ ହିସାବରେ ଗାଁର ବୟୋଜ୍ୟେଷ୍ଠ ଦଶରଥ ପଧାନ ପୂଜାର୍ଚ୍ଚନା କରି ସମସ୍ତଙ୍କୁ ନବାନ୍ନ ପ୍ରଦାନ କରିଥିଲେ। ପରେ ଗାଁର ୮୦ଟି ପରିବାର ଏକାଠି ବସି ନୂଆଁ ଖାଇଥିଲେ। ନୂଆଁ ଖାଇ ସାରିବା ପରେ ସାନମାନେ ବୟୋଜ୍ୟେଷ୍ଠମାନଙ୍କୁ ଜୁହାର କରିଥିଲେ ଓ ବୟୋଜ୍ୟେଷ୍ଠମାନେ ସାନମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଅପରାହ୍ନରେ ସାଂସ୍କୃତିକ



ଜାମଟିକ୍ରାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କାର୍ଯ୍ୟକ୍ରମ ଓ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜେଶ୍ୱର ପଧାନ, ସିଦ୍ଧେଶର ପଧାନ, ନାରାୟଣ ବାରିକ, ପ୍ରମୋଦ ପଧାନ, କୀର୍ତ୍ତନ ପ୍ରଧାନ, ଦିଲୀପ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଜହ୍ନାପଡା ହରିଜନ ପଡାରେ ମଧ ୧୨୦ଟି ପରିବାର ଏକାଠି ନୂଆଁ ଖାଇଥିବା ଦେଖିବାକୁ ମିଳିଥିଲା। ଗ୍ରାମର ଅର୍ଜୁନ ପାଇକ, ପ୍ରମୋଦ ଦୀପ, ସରୋଜ ଦୀପ, ପୂର୍ଣ୍ଣଚନ୍ଦ୍ର ପାଇକ, ଉଦ୍ଧବ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଝିଲିମିଣ୍ଡା ପଞ୍ଚାୟତ ସୋର୍ଣ୍ଣା ଗ୍ରାମରେ ନୂଆଁଖାଇ ଜୁହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶଶୀଭୂଷଣ ଶତପଥୀ ମୁଖ୍ୟ ଅତିଥି, ବିଜୟ କୁମାର ପଣ୍ଡା, ତୀର୍ଥବାସୀ ପୋଢ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରିଙ୍କୁ ମହାପାତ୍ର, ଅକ୍ଷୟ ମହାପାତ୍ର, ରାକେଶ ମହାପାତ୍ର, ତେଜରାଜ ମହାପାତ୍ର, ଗିରୀଶ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।